## ସଂକ୍ଷେପରେ

### ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ

ଢେଙ୍କାନାଳ, ୧୮ା୬(ରତନ ନାୟାର)

ଢେଙ୍କାନାଳ ଜିଲା ଓଷ୍ଟା ସଂଘ ପରିସରରେ ଜିଲାସ୍ତରୀୟ ଗୁଣାତ୍ମକ ଶିକ୍ଷା ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସନ୍ତୋଷ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ ବିଭୂତି ଭୂଷଣ ସାମଲ ଆଲୋଚନାରେ ଭାଗନେଇ ଶିକ୍ଷାୟତନର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସଂଘ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ ଦାସ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ରାଜ୍ୟ ଉପସଭାପତି ଶ୍ରୀକାନ୍ତ ସାହୁ, ପ୍ରମୋଦ ସ୍ୱାଇଁ ପ୍ରମୁଖ ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟ ହାସଲ ପାଇଁ ପରାମର୍ଶ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି 'ଆମ ପ୍ରତିଭା ଆମ ସମ୍ମାନ'ର ସଭାପତି ପ୍ରିୟରଞ୍ଜନ ମାହୁନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷକମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରୋଜକାନ୍ତ ଦାସ, ପ୍ରଶାନ୍ତ ଧଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ବିନୋଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୬ରୁ ଧର୍ମେନ୍ଦ୍ରଙ୍କ ୨ଦିନିଆ ଢେଙ୍କାନାଳ ଗସ୍ତ

ଢେଙ୍କାନାଳ, ୧୮ା୬(ରତନ ନାୟାର)

କେନ୍ଦ୍ରରେ ମୋଦି ସରକାରଙ୍କ ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଢେଙ୍କାନାଳରେ ଆୟୋଜିତ ଗରିବ କଲ୍ୟାଣ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ। ଏଥିଲାଗି ୨୬ ତାରିଖରୁ ତାଙ୍କର ଦୁଇଦିନିଆ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଜିଲା ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ୨୬ ତାରିଖ ଅପରାହ୍ନ ୪ଟାରେ ହିନ୍ଦୋଳରେ ଆୟୋଜିତ ଦଳୀୟ ସଂଯୁକ୍ତ ମୋର୍ଚ୍ଚା ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଯୋଗଦେଇ କର୍ମୀଙ୍କୁ ଉଦ୍‌ବୋଧନ ଦେବେ। ସନ୍ଧ୍ୟାରେ ଜିଲା ଭାଜପା କାର୍ଯ୍ୟାଳୟରେ ପୁରାତନ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବେ। ୨୭ ତାରିଖ ପୂର୍ବାହ୍ନ ୯ଟାରେ କପିଳାସରେ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କୁ ଦର୍ଶନ କରିବେ। ଏହାପରେ ୧୧ଟାରେ ଗଁଦିଆଠାରେ ଆୟୋଜିତ ଗରିବ କଲ୍ୟାଣ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେବେ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ପାତ୍ର, ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ଅଞ୍ଜଳି ବେହେରା, ସୀମାଞ୍ଚଳ ଖଟେଇ, ପ୍ରେମାନନ୍ଦ ଜେନା, ରାମଚନ୍ଦ୍ର ପାତ୍ର, ଇତିଶ୍ରୀ ସାହୁ, ଅମୃତ ସ୍ୱାଇଁ, ନବକିଶୋର ଗୁରୁ, ସୁନୀଲ ଶର୍ମା, ମାତୃପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀ ଅକ୍ଷୟ ମହାନ୍ତି ସମ୍ମାନିତ



ଢେଙ୍କାନାଳ, ୧୮ା୬(ରତନ ନାୟାର)

ସୁପ୍ରତିଷ୍ଠିତ ସାମାଜିକ କର୍ମୀ ଅକ୍ଷୟ କୁମାର ମହାନ୍ତିଙ୍କୁ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ତରଫରୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ନାଲ୍‌କୋର ପୂର୍ବତନ ସିଏମ୍‌ଡି ତଥା ବେଦାନ୍ତର ସଭାପତି ତପନ ଚାନ୍ଦ, ଓୟୁଏଟିର ଭାଇସ୍ କାଉନ୍‌ସିଲର ପ୍ରଭାତ ରାଉଳ, ସାଉଥ୍ ଆଫ୍ରିକାର ଅର୍ଥନୈତିକ ପରାମର୍ଶଦାତା ଏସ୍.ସି. ପ୍ରଧାନ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ମାନବାଧିକାର, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଡକ୍ଟରେଟ୍ ପ୍ରଦାନ କରାଯାଇଛି।

# ମହାପ୍ରଭୁଙ୍କ ଅପେକ୍ଷାରେ ରଥ

■ଦିନକ ପରେ ଶ୍ରୀଗୁଣ୍ଡିଚା ଯାତ୍ରା
■ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି

ଢେଙ୍କାନାଳ, ୧୮ା୬(ରତନ ନାୟାର)



ଜିଲାପାଳ ରଥଗଡ଼ାଠାରେ ରଥ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

**ପତିତଜନଙ୍କୁ ଉଦ୍ଧାର ପାଇଁ ରତ୍ନବେଦିରୁ ଓହ୍ଲାଇ ଆସିବେ ଭାବ ବିନୋଦିଆ। ଭକ୍ତ–ଭଗବାନଙ୍କ ମେଳରେ ଏକାକାର ହୋଇଉଠିବ ବଡ଼ଦାଣ୍ଡ। ଏହି ମହାର୍ଘ୍ୟ ବେଳାକୁ ମାତ୍ର କେଇ ଘଣ୍ଟାର ଅପେକ୍ଷା। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଜଗତର ନାଥଙ୍କୁ ବୋହିନେବାକୁ ଅପେକ୍ଷା କରିଛି ରଥ।**

ଢେଙ୍କାନାଳର ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଠାକୁରଙ୍କ ଏହି ବାର୍ଷିକ ଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ପାଲଟିଥିବାବେଳେ ରବିବାର ଅପରାହ୍ନରେ ଜିଲାପାଳ ସରୋଜ କୁମାର ସେଠୀ ରଥଗଡ଼ାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ସେ ଦେବୋତ୍ତର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପରମ୍ପରା ଅନୁଯାୟୀ ଢେଙ୍କାନାଳରେ ୨ଟି ରଥ ନିର୍ମାଣ ହୋଇଥାଏ। ୧୨ ଚକ ବିଶିଷ୍ଟ ବଡ଼ରଥର ଉଚ୍ଚତା ୪୨ଫୁଟ ୯ ଇଞ୍ଚ। ସେହିପରି ୮ ଚକ ବିଶିଷ୍ଟ ସାନରଥର ଉଚ୍ଚତା ୨୮ ଫୁଟ। ମହାପ୍ରଭୁ ବଳରାମ ଦ୍ୱାପର ଯୁଗର ଠାକୁର। ସେ ଶ୍ରୀକୃଷ୍ଣଙ୍କ ବଡ଼ଭାଇ ବଳରାମ ଭାବେ ପୂଜା ପାଉଛନ୍ତି। ତେବେ ପାଷାଣ ପ୍ରତିମା ହୋଇଥିବାରୁ ରଥଯାତ୍ରାରେ ରଥାରୂଢ଼ ହୁଅନ୍ତି ନାହିଁ। ତେଣୁ ବଡ଼ଭାଇଙ୍କୁ ଛାଡ଼ି ଶ୍ରୀ ଜଗନ୍ନାଥ ଏକାକୀ ବଡ଼ରଥରେ ଚଢ଼ି ଆପଡ଼ ମଣ୍ଡପକୁ ବିଜେ କରନ୍ତି। ରାଜବାଟିରେ ପୂଜା ପାଉଥିବା ଚତୁର୍ଦ୍ଧା ବିଗ୍ରହ ସାନରଥରେ ରଥାରୂଢ଼ ହୋଇ ଜନ୍ମବେଦିକୁ ଯାଆନ୍ତି। ୨୦୦୦ରୁ ସାନରଥକୁ ମହିଳା ମାନେ ଟାଣୁଛନ୍ତି। ୧୦୦ ବର୍ଷ ପୁରୁଣା ଏହି ରଥଯାତ୍ରାରେ ଲକ୍ଷାଧିକ ଜନସମାଗମ ହୋଇଥାଏ। ଚଳିତବର୍ଷ ଅସହ୍ୟ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଠାକୁରଙ୍କ ନୀତିକାନ୍ତି, ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଛି। ତେଣୁ ରଥଟଣା ସମୟରେ ପାନୀୟଜଳ ଯୋଗାଣ ସୁବନ୍ଦୋବସ୍ତ, ପାଣି ସିଞ୍ଚନ ବ୍ୟବସ୍ଥା କରାଯାଇଛି। ସମସ୍ତଙ୍କ ସହଯୋଗରେ ଘୋଷଯାତ୍ରା ସମାପନ କରିବାକୁ ଜିଲାପାଳ ନିବେଦନ କରିଛନ୍ତି। ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ନାୟକ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପଟେ ନୀତିକାନ୍ତି ଯେପରି ସଅଳ ହେବ ସେଥିଲାଗି ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏ ଥି_ ଲା ଗି ରାଜପୁରୋଧା ପଞ୍ଚାନନ ମିଶ୍ରଙ୍କ ଦ୍ୱାରା ସମୟ ନିର୍ଘଣ୍ଟ ନିର୍ଦ୍ଧାରିତ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୧୫ରୁ ପହଣ୍ଡି ଆରମ୍ଭ ହେବ। ୧୧ଟାରେ ଶ୍ରୀଦଧିବାମନ ଜୀଉଙ୍କ ମନ୍ଦିର ନିକଟରେ ଅଧରପଣା ଲାଗି, ସାଢ଼େ ୧୧ଟାରେ ଦକ୍ଷିଣ ବନ୍ଦାପନା, ରଥ ପରିକ୍ରମା, ୧୨ଟା ୧୦ଟାରେ ଶ୍ରୀଜୀଉଙ୍କ ରଥ ସିଂହାସନ ବିଜେ, ୧୨ଟା ୨୫ରେ ରାଜାଙ୍କ ଦ୍ୱାରା ଛେରାପହଁରା ପରେ ଅପରାହ୍ନ ୨ଟାରେ ରଥଟଣା ଆରମ୍ଭ ହେବ। ୬ଟା ୨୩ ସୁଦ୍ଧା ରଥଟଣା ଶେଷ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ଶ୍ରୀଜୀଉଙ୍କ ସେବାରେ ୪୦ ବର୍ଷ

ଦେବସ୍ନାନ ପୂର୍ଣ୍ଣିମାରେ ମହାସ୍ନାନ ପରେ ଅଣସର ଘରକୁ ବିଜେ କରନ୍ତି ଶ୍ରୀଜୀଉ। ସୁସ୍ଥ ହେବା ଯାଏଁ ଅନୁଷ୍ଠିତ ହୁଏ ଠାକୁରଙ୍କ ଗୁପ୍ତନୀତି। ମହାପ୍ରଭୁଙ୍କ ଏହି ୧୫ଦିନର ଅନବସର ନୀତି ମଧ୍ୟରେ ଢେଙ୍କାନାଳର ଆରାଧ୍ୟ ମହାପ୍ରଭୁ ଶ୍ରୀ ସିଦ୍ଧ ବଳରାମଜୀଉଙ୍କ ମନ୍ଦିର ବେଢ଼ାରେ ଦେଖିବାକୁ ମିଳେ ଅନନ୍ୟ ଦୃଶ୍ୟ। ଘରେ ଘରେ ପୂଜା ପାଉଥିବା ଶ୍ରୀଜୀଉଙ୍କ ବିଗ୍ରହକୁ ନୂଆ ରଙ୍ଗ ଦେବା ପାଇଁ ଭିଡ଼ ଜମେ। ଏହି କାମକୁ ୪୦ ବର୍ଷ ଧରି ଅତି ନିଷ୍ଠାର ସହ କରି ଆସୁଛନ୍ତି ଓଡ଼ାପଡ଼ା ବ୍ଲକ ପଞ୍ଚୁପଟି ଗ୍ରାମର ଶିଳ୍ପୀ ବିଜୟ କୁମାର ମହାପାତ୍ର।

ବିଜୟଙ୍କ କହିବା କଥା, ତାଙ୍କ ପୂର୍ବପୁରୁଷ ଏହି କାମ କରୁଥିଲେ। ତାଙ୍କୁ ଠାକୁରଙ୍କ ସେବା କରିବାର ସୌଭାଗ୍ୟ ମିଳିଛି। ଦେବସ୍ନାନ ପୂର୍ଣ୍ଣିମାଠାରୁ ନେତ୍ର ଉତ୍ସବ ପର୍ଯ୍ୟନ୍ତ ସେ ମନ୍ଦିରରେ ରହିଥାଆନ୍ତି। ଠାକୁରଙ୍କ ସେବାଠାରୁ ଆଉ ଅଧିକ କିଛି ନାହିଁ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।



ଠାକୁରଙ୍କ ସେବାରେ ନିମଗ୍ନ ବିଜୟ।

# ନେତ୍ରୋତ୍ସବ ନୀତି ସମ୍ପନ୍ନ





ନେତ୍ରୋତ୍ସବ ପରେ ଠାକୁରଙ୍କ ପୂଜାର୍ଚ୍ଚନା।

ଢେଙ୍କାନାଳ ଶ୍ରୀ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିର ପରିସରରେ ରବିବାର ନେତ୍ରୋତ୍ସବ ନୀତି ଅନୁଷ୍ଠିତ ହୋଇଯାଇଛି। ନୂଆନେତ ପୂଜାର୍ଚ୍ଚନା ପରେ ଚିତ୍ରକାର ସେବକ ବିଜୟ ମହାପାତ୍ର ଚକ୍ଷୁଦାନ କରିଥିଲେ। ଠାକୁରଙ୍କୁ ପଞ୍ଚାମୃତ ସିଞ୍ଚନ କରାଇ ମନ୍ଦିର ଚୂଡ଼ାରେ ନୂତନ ନେତ ବନ୍ଧାଯାଇଥିଲା। ଏଥିସହ ମହାସ୍ନାନ, ନୂତନ ବସ୍ତ୍ର ସହ ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ପୂର୍ବାହ୍ନରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି ପରେ ରାତିରେ ପହୁଡ଼ ପଡ଼ିଥିଲା। ଶ୍ରୀଜୀଉଙ୍କ ଅଣସର ନୀତି ଚାଲୁଥିବାରୁ ଘଣ୍ଟ, କାହାଳୀ ବାଦନ ବନ୍ଦ ଥିଲା। ନେତ୍ର ଉତ୍ସବରେ ଏହି ପାରମ୍ପରିକ ବାଦ୍ୟ ପୁନର୍ବାର ବାଜିଥିଲା। ପୂଜକ ମନସୁମନ ମିଶ୍ର, ମଳୟ କର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ସୁଆର ନୀଳମଣି ଆଚାର୍ଯ୍ୟ, କାହାଳିଆ ଟିକନ ବେହେରା, ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅନୁରୂପ ଭାବେ କୈବଲ୍ୟ ବଜାରସ୍ଥିତ ଶ୍ରୀଦଧିବାମନ ଜୀଉ ମଠ, ମିନାବଜାର ମନ୍ଦିରରେ ମଧ୍ୟ ନେତ୍ରୋତ୍ସବ ନୀତି ପାଳିତ ହୋଇଛି।

## ବଳରାମ ମନ୍ଦିରରେ ଭଜନସନ୍ଧ୍ୟା

ଶ୍ରୀ ସିଦ୍ଧ ବଳରାମ ମନ୍ଦିର ପରିସରରେ ନେତ୍ରୋତ୍ସବ ଉପଲକ୍ଷେ ରବିବାର ବଳରାମ ଜୀଉ ଭଜନ ସନ୍ଧ୍ୟା ଅନୁଷ୍ଠାନ ତରଫରୁ ଭଜନ ପରିବେଷଣ କରାଯାଇଛି। କଣ୍ଠଶିଳ୍ପୀ ରଞ୍ଜିତ ହୋତା ରାଜା କହେ ରାଣୀ..., ଗନ୍ଧର୍ବ ସେଠୀ କୋଠ ଭୋଗଖିଆ..., ରଶ୍ମିରଞ୍ଜନ ମା'କୁ ମାଗିବ..., ଈପ୍‌ସିତା ପାତ୍ର ବଂଶୀରେ..., ପ୍ରତ୍ୟୁଷ ଏମିତି ଡୋରିରେ... ଭଜନ ଦର୍ଶକଙ୍କ କରତାଳି ସାଉଁଟିଥିଲା। ପୂର୍ଣ୍ଣଚନ୍ଦ୍ର ପାତ୍ର, ସ୍ମିତାରାଣୀ ନନ୍ଦ, ବିଷ୍ଣୁପ୍ରିୟା ହୋତା, ପ୍ରଭାକର ମିଶ୍ର, ପ୍ରଦୀପ ପଟ୍ଟନାୟକ, ରାଜେନ୍ଦ୍ର ମହାନ୍ତି, ସଂଯୁକ୍ତା ଦାସ ପ୍ରମୁଖ ମଧ୍ୟ ଭଜନ ପରିବେଷଣ କରିଥିଲେ। ଅର୍ଗାନରେ ଲକ୍ଷ୍ମୀଧର, ତବଲାରେ ସୁନୀଲ୍, ପ୍ୟାଡରେ ରାଜା ସହଯୋଗ କରିଥିଲେ।



ଜଣେ କଣ୍ଠଶିଳ୍ପୀ ଭଜନ ପରିବେଷଣ କରୁଛନ୍ତି।

# ଜାଣିଲେ ଜିଲା କାରାଗାର ଐତିହ୍ୟ

ଢେଙ୍କାନାଳ, ୧୮ା୬(ରତନ ନାୟାର)



ଜିଲା କାରାଗାର ସମ୍ମୁଖରେ ଐତିହ୍ୟ ପଦଯାତ୍ରୀ ଦଳ।

ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୩ୟ ସଂସ୍କରଣ ରବିବାର ସକାଳ ୭ଟାରେ ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରୀମାନେ ସ୍ୱାଧୀନତା ପୂର୍ବର ଢେଙ୍କାନାଳ କାରାଗାରର ଐତିହ୍ୟ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଜେଲ୍ ଅଧୀକ୍ଷକ ପ୍ରସନ୍ନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ କାରାଗାର ସମ୍ମୁଖରେ ସବିଶେଷ ସୂଚନା ଦେଇଥିଲେ।

ଢେଙ୍କାନାଳ ଜେଲ୍ ୧୯୧୬ରେ ପ୍ରତିଷ୍ଠା ହୋଇଥିଲା। ଏଠାରେ ୩୦୦ରୁ ଊର୍ଦ୍ଧ୍ୱ କଏଦୀ ରହିବା ସୁବିଧା ରହିଛି। କାରାଗାର ପରିସରରେ ଫାଶି ଦିଆଯିବା ବ୍ୟବସ୍ଥା ଅଛି। ତେବେ ଅଦ୍ୟାବଧି ଏଠାରେ କାହାରିକୁ ଫାଶି ଦିଆଯାଇନାହିଁ। ଢେଙ୍କାନାଳ ଜେଲ୍ ହେଉଛି ଏକମାତ୍ର ବନ୍ଦୀଶାଳା, ଯେଉଁଠାରେ ରାଜରାଜୁଡ଼ା ଅମଳରୁ ଏକ ଛାପାଖାନା ରହିଛି। ଏଠାରେ କଏଦୀଙ୍କୁ ଆତ୍ମନିର୍ଭର କରିବା ଲାଗି ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ହାତକୁ ନିଆଯାଇଛି। ଗୋଶାଳାରେ ଗୋପାଳନ କରାଯାଉଛି। ପରିବା ଚାଷ ହେଉଛି। ତେଲପେଡ଼ା, ହଳଦୀଗୁଣ୍ଡ ପ୍ରସ୍ତୁତି ପାଇଁ ମେସିନ ରହିଛି। କଏଦୀମାନେ ସୁନ୍ଦର ହାତତିଆରି ରୁମାଲ୍, ଗାମୁଛା, ଦରି, ଆସନ, ପାପୋଛ, ଫିନାଇଲ୍ ତିଆରି କରୁଛନ୍ତି। ଉତ୍ପାଦିତ ସାମଗ୍ରୀ ବିକ୍ରି ବ୍ୟବସ୍ଥା ହୋଇଥିବା ଜେଲ ଅଧୀକ୍ଷକ ସୂଚନା ଦେଇଥିଲେ। ଜେଲକୁ ଆଦର୍ଶ କାରାଗାରରେ ପରିଣତ କରିବା ଲାଗି ଉଦ୍ୟମ କରାଯାଉଥିବା ଜାଣିବା ପରେ ପଦଯାତ୍ରୀ ଏହାକୁ ସ୍ୱାଗତ କରିଛନ୍ତି।

କଟକ ଐତିହ୍ୟ ପଦଯାତ୍ରାର ଦୀପକ ସାମନ୍ତରାୟ, ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତି, ପୁସ୍ତକ ପ୍ରକାଶକ ଜୀବାନନ୍ଦ ମିଶ୍ର, ସାମାଜିକକର୍ମୀ ବିଶ୍ୱରଞ୍ଜନ ଦେହୁରୀ, ପ୍ରସେନଜିତ ସାହୁ, ଲଳିତ ମୋହନ ପଣ୍ଡା, ଅମିତ୍ କୁମାର, ଢେଙ୍କାନାଳ ହେରିଟେଜ୍ ୱାକ୍‌ର ସମସ୍ତ ସଭ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ମାସର ତୃତୀୟ ରବିବାରରେ ଐତିହ୍ୟ ପଦଯାତ୍ରାର ଆୟୋଜନ କରାଯାଉଛି। ଐତିହ୍ୟ କିମ୍ବଦନ୍ତୀ ଆଧାରିତ ଏକ ସ୍ଥାନ ଭ୍ରମଣ କରି ପଦଯାତ୍ରୀ ଦଳ ସଚେତନତା ସୃଷ୍ଟି କରୁଛନ୍ତି। ଆଗାମୀ ଦିନରେ ଏହାକୁ ନେଇ ଏକ ପୁସ୍ତିକା ପ୍ରକାଶ କରାଯିବ ବୋଲି ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

## ଉତ୍କଳମଣିଙ୍କ ସ୍ମୃତିଚାରଣ

ଢେଙ୍କାନାଳ, ୧୮ା୬(ରତନ ନାୟାର)

ଢେଙ୍କାନାଳ ଜିଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ୯୫ତମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ କରାଯାଇଥିଲା। ଦୁଃଖୀଜନଙ୍କ ସେବା ଏବଂ ସ୍ୱାଧୀନତା ସଂଗ୍ରାମରେ ଗୋପବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମତପ୍ରକାଶ ପାଇଥିଲା। ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ସାଧାରଣ ସମ୍ପାଦକ ରାଜୀବ ଲୋଚନ ସିଂଦେଓ, ଉପସଭାପତି ଅଖିଳ ମହାପାତ୍ର, ସମୀର ସାହୁ, କବି ବିଦ୍ୟାଧର ବାରିକ, ମହମ୍ମଦ ସଫିକ୍, ଶିଶୁ ମଙ୍ଗଳ କମିଟି ସଦସ୍ୟ କୃଷିଦା ବେଗମ୍, ଅବସରପ୍ରାପ୍ତ ସେନାଧିକାରୀ ନଗେନ୍ କର, ଶିକ୍ଷାବିତ୍ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳ ଗୋପବନ୍ଧୁ ଟାଉନ୍‌ହଲ୍ ପରିସରରେ ଉତ୍କଳମଣିଙ୍କ ଏକମାତ୍ର ପ୍ରତିମୂର୍ତ୍ତି ରହିଛି। ମୂର୍ତ୍ତିର ରଙ୍ଗ ଏବଂ ଟାଇଲ୍‌ର ରଙ୍ଗ ସମାନ ରହୁଥିବାରୁ ଫଟୋ ଉଠାଇଲେ ଆଦୌ ଦେଖାଯାଉନାହିଁ। ତେଣୁ ଏହାକୁ ଧଳା ରଙ୍ଗରେ ରଙ୍ଗାୟିତ କରିବାକୁ ଦାବି କରାଯାଇଛି।



କାର୍ଯ୍ୟକ୍ରମରେ ଜିଲା ସକ୍ରିୟ ନାଗରିକ ପରିଷଦ କର୍ମକର୍ତ୍ତାମାନେ।

## ଆମ୍ବେଦକର ସେବା ସଙ୍ଗଠନ ଗଠିତ

ଢେଙ୍କାନାଳ, ୧୮ା୬(ରତନ ନାୟାର)

ଢେଙ୍କାନାଳ ଜିଲାର ଦଳିତ, ନିଷ୍ପେସିତ ଏବଂ ଅବହେଳିତ ବର୍ଗଙ୍କୁ ନ୍ୟାୟ ଦେବା ଉଦ୍ଦେଶ୍ୟରେ 'ଆମ୍ବେଦକର ସେବା ସଙ୍ଗଠନ ଢେଙ୍କାନାଳ' ଗଠିତ ହୋଇଛି। ସର୍ବସମ୍ମତି କ୍ରମେ ଆଇନଜୀବୀ ପ୍ରଦ୍ୟୁମ୍ନ ନାଏକ ସ୍ଥାୟୀ ସଭାପତି, କୈଳାସ ଚନ୍ଦ୍ର ନାଏକ ଉପସଭାପତି, ଆଇନଜୀବୀ ଚିତ୍ରସେନ ନାଏକ ସାଧାରଣ ସମ୍ପାଦକ, ଲଙ୍କେଶ ନାଏକ ସହସମ୍ପାଦକ ଏବଂ ଆଶୁତୋଷ ନାଏକଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଗଣେଶ୍ୱର ପ୍ରଧାନ, କାମାକ୍ଷା ପ୍ରସାଦ ନାଏକ, ଧ୍ରୁବଚରଣ ବିଶ୍ୱାଳ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ଚୟନ ହୋଇଥିବା ସମସ୍ତ କର୍ମକର୍ତ୍ତା ସଂଘର ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ସମ୍ବିଧାନକୁ ସାକ୍ଷୀ ରଖି ଶପଥପାଠ କରିଛନ୍ତି। ଢେଙ୍କାନାଳ ଟାଉନ୍ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ କମଳ ଲୋଚନ ପାତ୍ର ସଭାପତିତ୍ୱ କରିଥିଲେ। ସମସ୍ତ ବ୍ଲକର ପ୍ରତିନିଧି ଉପସ୍ଥିତ ଥିଲେ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ବଢ଼ିବାରେ ଲାଗିଛି। ସେମାନଙ୍କୁ ଜାତିଆଣ ମନୋଭାବର ଶିକାର ହେବାକୁ ପଡୁଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜୁଛି। ଆଗାମୀ ଦିନରେ ଏଭଳି ଅନ୍ୟାୟ ବିରୋଧରେ ଲଢ଼େଇ ଜୋର୍‌ଦାର ହେବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।



ବୈଠକରେ ସଙ୍ଗଠନର କର୍ମକର୍ତ୍ତାମାନେ।

# 'ଲୋକଙ୍କ ନିକଟତର ହୁଅ'

**ବିଜେଡିର କାର୍ଯ୍ୟକାରିଣୀ ବୈଠକ**

ଢେଙ୍କାନାଳ, ୧୮ା୬(ରତନ ନାୟାର)



ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ଢେଙ୍କାନାଳ ବିଜେଡିର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ କଲେଜ ବାଇପାସ୍ ଛକ ନିକଟ ଏକ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ତଥା ଜିଲା ସଭାପତି ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ୍ୱାର୍ଡସ୍ତରରେ ପହଞ୍ଚାଇ ଲୋକଙ୍କ ନିକଟତର ହେବାକୁ ପରାମର୍ଶ ଦେଇଥିଲେ। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ଟୁଇଟର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଜନମଙ୍ଗଳକାରୀ କାର୍ଯ୍ୟକ୍ରମର ବହୁଳ ପ୍ରଚାର ପ୍ରସାର କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

ସମ୍ମାନିତ ଅତିଥି ଏମ୍‌ପି ମହେଶ ସାହୁ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ତଥା ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଆଶିଷ ଚକ୍ରବର୍ତ୍ତୀ ଯୋଗଦେଇ ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ବିଜୟ ନାୟକ, ବନ ଉନ୍ନୟନ ନିଗମ ଉପଦେଷ୍ଟା ଦେବୀ ପ୍ରସାଦ ଭୂତିଆ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଉପାଧ୍ୟକ୍ଷା ବିଳାସିନୀ ସେଠୀ, ରାଜ୍ୟ ସମ୍ପାଦକ ହର୍ଷବର୍ଦ୍ଧନ ସିଂଦେଓ, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ଜିଲା ଲିଗାଲ୍ ସେଲ୍ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ପାତ୍ର, ଜିଲା ସଂଖ୍ୟାଲଘୁ ସେଲ୍ ସଭାପତି ଅସ୍‌ରଫ୍ ଅଲ୍ଲି ଖାଁ, ଜିଲା କୃଷକ ସେଲ୍ ସଭାପତି ନରୋତ୍ତମ ସାହୁ, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ଜିଲା ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳ, ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡା, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ରାଜ୍ୟ ଛାତ୍ର ସମ୍ପାଦକ ଶଶିକାନ୍ତ ମିଶ୍ର, ରାଜ୍ୟ ଯୁବ ସମ୍ପାଦକ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲା ଡିଜିଟାଲ୍ ମିଡିଆ ସେକ୍ରେଟାରୀ ଗଙ୍ଗାଧର ରାଉତ, ସୁବ୍ରତ କୁମାର ଛାଟୋଇଙ୍କ ସମେତ ଜିଲାସ୍ତରୀୟ ନେତୃବୃନ୍ଦ, ବିଜୟୀ ଜନପ୍ରତିନିଧି ଉପସ୍ଥିତ ଥିଲେ। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ବନ୍ୟା ପରିସ୍ଥିତି ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା

ଆଠମଲ୍ଲିକ,୧୮।୬(ଉଦୀପ୍ତ ପୁରୋହିତ): ଆଠମଲ୍ଲିକ ଏନ୍ଏସି କାର୍ଯ୍ୟାଳୟ ପରିସରରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍ଏସି ଅଧକ୍ଷା ଆଶାକୁମାରୀ ସାହୁ, ସହକାରୀ ଜିଲାପାଳ ସୁଜିତ କୁମାର ଭୋଇ, ଏସିଏଫ ଗୌରୀଶଙ୍କର ଦାଶ, ସବ୍ଇନ୍ସପେକ୍ଟର ବ୍ରହ୍ମାନନ୍ଦ ସାହୁ, ପ୍ରାଣୀ ଚିକିତ୍ସକ ଡ. ବିନୟ କୁମାର ମହାନ୍ତି, ଅଗ୍ନିଶମ ବିଭାଗର ତପନ କୁମାର ସାମଲ ପ୍ରମୁଖ ଯୋଗଦାନ କରିଥିଲେ। ବନ୍ୟା ପରିସ୍ଥିତି କିପରି ନିୟନ୍ତ୍ରଣ କରାଯାଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। ସମସ୍ତ ବିଭାଗର ଅଧିକାରୀ ଏହା ଉପରେ ସଚେତନ କରିବା ପାଇଁ ଅଧକ୍ଷା ସାହୁ ଅନୁରୋଧ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ପରେ ସମସ୍ତ ବିଭାଗ କିପରି ସହଯୋଗ ଭିତ୍ତିରେ କାର୍ଯ୍ୟ କରିବେ ସେ ଉପରେ ଆଲୋଚନା କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାର୍ଥ ତ୍ୟାଗ କରି ସଙ୍ଗଠନ ସୁଦୃଢ଼ କର


ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ସଭାରେ ଜିଲା ପର୍ଯ୍ୟବେକ୍ଷକଙ୍କ ସମେତ ଅନ୍ୟମାନେ।

ଅନୁଗୋଳ, ୧୮।୬ (ଅମିତ କୁମାର ସାମଲ)

### ଅନୁଗୋଳ ବିଜେଡି ନେତାଙ୍କୁ ପରାମର୍ଶ ଦେଲେ ବବି

ଆସନ୍ତା ସାଧାରଣ ନିର୍ବାଚନ ହେଉଛି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତେ ସ୍ୱାର୍ଥ ତ୍ୟାଗ କରି ଦଳ ଏବଂ ସଙ୍ଗଠନକୁ କିପରି ସୁଦୃଢ଼ କରାଯିବ ସେ ଦିଗରେ କାର୍ଯ୍ୟ କରିବାକୁ ଅନୁଗୋଳର ବିଜେଡି ନେତାମାନଙ୍କୁ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ପରାମର୍ଶ ଦେଇଛନ୍ତି।

ଅନୁଗୋଳ ଜିଲା ସଭାଘର ପରିସରରେ ରବିବାର ଜିଲା ବିଜୁ ଜନତା ଦଳ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେଇ ଜିଲା ପର୍ଯ୍ୟବେକ୍ଷକ ବବି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଧାରା ଶୀର୍ଷସ୍ତରରେ ପହଞ୍ଚି ପାରିଛି। ଆଗାମୀ ଦିନରେ ଅନୁଗୋଳ ଜିଲାର ବିକାଶ ଧାରାକୁ ଆଗେଇ ନେବା ଓ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ। ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ଆହୁରି କ୍ରିୟାଶୀଳ କରାଯିବ। କରୋନା ମହାମାରୀ ସମୟରେ ସମଗ୍ର ଦେଶକୁ ଅମ୍ଳଜାନ ପଠାଇଥିବାରୁ ଅନୁଗୋଳ ଜିଲାକୁ ବବି ଧନ୍ୟବାଦ ଦେଇଥିଲେ। ଜିଲା ବିଜେଡି ସଭାପତି ମହେନ୍ଦ୍ର ବହିଆ ସଭାରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସହ ପର୍ଯ୍ୟବେକ୍ଷକ କୁନା ବିହାରୀ ଦାସ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ପାଲଲହଡ଼ା ବିଧାୟକ ମୁକେଶ ପାଳ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ବରିଷ୍ଠ ନେତା ନଳିନୀକାନ୍ତ ପ୍ରଧାନ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ବିଜୟ ନାୟକ, ବିଜୁ ମହିଳା ଜନତା ଦଳ ସଭାପତି ବିଦ୍ୟୁତଲତା ପ୍ରଧାନ, ବିଜୁ ଛାତ୍ର ଜନତା ଦଳ ସଭାପତି ରାଜୀବ ଲୋଚନ ଦାସ, ବିଜୁ ଯୁବ ଜନତା ଦଳର ସଭାପତି ଦିନେଶ ପ୍ରଧାନ, ସମସ୍ତ ଜିଲା ପରିଷଦ ସଦସ୍ୟ, ବ୍ଲକ ଅଧକ୍ଷା ଅଧ୍ୟକ୍ଷ, ଜିଲା କମିଟି ସଦସ୍ୟ, ବ୍ଲକ ବିଜେଡି ସଭାପତି, କାଉନସିଲର, ନଗର ସଭାପତି, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

### ଦଳ ବିରୋଧୀଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ

ଅନୁଗୋଳ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ନେବା ପରେ ପ୍ରଣବ ପ୍ରକାଶ ଦାସ ପ୍ରଥମ ଥର ପାଇଁ ଅନୁଗୋଳ ଗସ୍ତରେ ଆସିଥିଲେ। ଦଳ ମଧ୍ୟରେ ଥିବା ଗୋଷ୍ଠୀ କନ୍ଦଳ ଓ ମନୋମାଳିନ୍ୟକୁ ଦୂର କରିବା ପାଇଁ ସେ ଏହି ସଭାରେ ପ୍ରାଥମିକତା ଦେଇଥିଲେ। ଏପରି କି ଦଳ ବିରୋଧୀ କାର୍ଯ୍ୟ କଲେ ସମ୍ପୃକ୍ତ ନେତା, କର୍ମୀଙ୍କ ପାଇଁ ଦଳରେ କୌଣସି ସ୍ଥାନ ନାହିଁ ବୋଲି କଡ଼ା ବାର୍ତ୍ତା ଦେଇଥିଲେ। ନବୀନ ପଟ୍ଟନାୟକଙ୍କ ପାଇଁ ଦଳ ଦୀର୍ଘ ବର୍ଷ ହେବ ଶାସନରେ ରହି ଆସୁଛି। ବିଭିନ୍ନ ନେତା ବିଜେଡିକୁ ଆସୁଛନ୍ତି ଓ ଯାଉଛନ୍ତି। କିନ୍ତୁ ଦଳକୁ କୌଣସି ଫରକ ପଡୁନାହିଁ ବୋଲି ସେ ଚେତାଇ ଦେଇଥିଲେ। ଏଥିସହ ଅନୁଗୋଳ ବିଧାୟକଙ୍କ ପୁଅ ଓ ବସୁଧାର ଉପଦେଷ୍ଟା ଥିବା ଦୀନେଶ ପ୍ରଧାନଙ୍କୁ ବସାଇ ଆଲୋଚନା କରିଥିଲେ। ଦଳ ଭିତରେ ଯେପରି ଫାଟ ନ ରହେ ସେଥିପାଇଁ ଉଭୟଙ୍କୁ ଡାକି ବୁଝାଇଥିଲେ।

# ଉତ୍କଳମଣିଙ୍କ ପୁଣ୍ୟତିଥି ପାଳିତ

ଅନୁଗୋଳ, ୧୮।୬ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲକୋନଗରସ୍ଥିତ ଗୋପବନ୍ଧୁ ପାର୍କଠାରେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ୯୫ ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ଶାଖା ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସରସ୍ୱତୀ ବିଦ୍ୟା ମନ୍ଦିର ଅନୁଗୋଳର ଅଧକ୍ଷ ଡ. ସିଦ୍ଧନାଥ ସାହୁ ମୁଖ୍ୟ ଅତିଥି, ଅଧ୍ୟାପକ ସତ୍ୟବାଦୀ ସାହୁ ଏବଂ ଉତ୍କଳ ସମ୍ମିଳନୀ ଅନୁଗୋଳ ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅନନ୍ୟ ସେବା ଓ ତ୍ୟାଗ ପାଇଁ ଓଡ଼ିଆ ଜାତି ବଞ୍ଚିଥିବା ପର୍ଯ୍ୟନ୍ତ ଗୋପବନ୍ଧୁ ବଞ୍ଚି ରହିଥିବେ ବୋଲି ପ୍ରକାଶ କରିଥିଲେ। ଲିପିକା ମହାପାତ୍ର ଗୋପବନ୍ଧୁଙ୍କ ଧର୍ମପଦ କାବ୍ୟରୁ 'ନମୋ ନିରଞ୍ଜନ' କବିତା ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବିଭୂ ଶତପଥୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଖଲାରି ରାମେଶ୍ୱର କ୍ଲବ ସଭାପତି ଶୁଭ୍ରାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ପୁଣ୍ୟତିଥି ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

# ବ୍ଲକସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି

ଛେଣ୍ଡିପଦା,୧୮।୬(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ସଭାଗୃହରେ ରବିବାର ସମ୍ଭାବ୍ୟ ବାତ୍ୟା, ବନ୍ୟାର ମୁକାବିଲା ନିମନ୍ତେ ବ୍ଲକସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ତହସିଲଦାର ମାନସ କୁମାର ରାଏ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମସ୍ତ ଥାନା ଅଧିକାରୀ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ସହ ମକ୍‌ଡ୍ରିଲ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏପରିକି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ ଅନ୍ୟାନ୍ୟ ଅସୁବିଧାର ସମାଧାନ ଉପରେ ଆଲୋଚନା କରାଯାଇଥିଲା।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ଲୁ ପ୍ରିଣ୍ଟ

ଅନୁଗୋଳ, ୧୮।୬ (ଅମିତ କୁମାର ସାମଲ)

ଅନୁଗୋଳ ପୌରପାଳିକା କାଉନସିଲ ହଲ୍ ଠାରେ ରବିବାର ବିପର୍ଯ୍ୟୟ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବିପର୍ଯ୍ୟୟ ଆସିଲେ କିଭଳି ତାହାର ମୁକାବିଲା କରାଯିବ ଓ ଶୂନ୍ୟ କାଜୁଆଲଟି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବିପର୍ଯ୍ୟୟ ପୂର୍ବରୁ ଲୋକଙ୍କୁ ସଚେତନ କରାଯିବା, ତଳି ଅଞ୍ଚଳରେ ପାଣି ପଶିଲେ ତୁରନ୍ତ ନିଷ୍କାସନ, ଲୋକଙ୍କୁ ଉଦ୍ଧାର, ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଣ, ଲୋକଙ୍କୁ ସୁରକ୍ଷିତ ରଖାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ନେଇ ଆଲୋଚନା ହୋଇଥିଲା। ଏଥିସହ ବିପର୍ଯ୍ୟୟ ପରେ ଲୋକଙ୍କୁ କିଭଳି ସେବା ଯୋଗାଇ ଦିଆଯିବ, ଭଙ୍ଗାରୁଜା ଘରକୁ ତୁରନ୍ତ ମରାମତି କରାଯିବ, ସେ ନେଇ ଆଲୋଚନା କରାଯାଇଥିଲା। ଏହି ମୁକାବିଲା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତିର ମହିଳାମାନେ ମଧ୍ୟ ସହଯୋଗର ହାତ ବଢ଼ାଇବାକୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ବୈଠକରେ ଅନୁଗୋଳ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ସିଂହ, ଉପଜିଲାପାଳ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ ସାହୁ, ପିଏଚଡି ଜେଇଇ କାଳନ୍ଦି ସାମଲ, ଟିପିସିଓଡିଏଲ ଏସ୍‌ଡିଓ ସୁନୀଲ ନନ୍ଦ, ଉଦ୍ୟାନ ବିଭାଗ ଅଧିକାରୀ, ଡେପୁଟି ଡାଇରେକ୍ଟର ଭେଟନାରି ପ୍ରମୁଖଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ଓ ବିଭିନ୍ନ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

# ତାଳଚେର ବିଧାୟକଙ୍କ ପିତୃ ବିୟୋଗ

ତାଳଚେର, ୧୮।୬ (ମନୋଜ ନନ୍ଦ)



ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ପିତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ (୮୫)ଙ୍କ ରବିବାର ଅପରାହ୍ନ ୨ଟା ୩୦ରେ ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଚାଲିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ବଡ଼ ପୁଅ ସିଦ୍ଧେଶ୍ୱର ପ୍ରଧାନ, ପୁଅ ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ସହ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତାଳଚେରରେ ଶୋକର ଛାୟା ଖେଳିଯାଇଥିଲା। ଅନୁଗୋଳ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଖବରପାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିପରି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଗଭୀର ଦୁଃଖ ପ୍ରକାଶ କରିବା ସହିତ ପୂର୍ଣ୍ଣଚନ୍ଦ୍ରଙ୍କ ହାଣ୍ଡିଧୁଆଁସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଜିଲା ଭାଜପା ମିଡିଆ ସେଲ୍ ଅଧକ୍ଷ ପର୍ଶୁରାମ ବାରିକ, ପ୍ରାକ୍ତନ କାଉନସିଲର ଶଙ୍କର ବେହେରା, ବିନାୟକ ଜେନା, କାର୍ତ୍ତିକେଶ୍ୱର ସାହୁ, ରିତେଶ ସାହୁ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ।

# ଗଞ୍ଜେଇ ଗାଡ଼ି ଧକ୍କାରେ ମହିଳା ମୃତ

ଅନୁଗୋଳ, ୧୮।୬ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ମହୀଧରପୁରଠାରେ ରବିବାର ଚୋରା ଗଞ୍ଜେଇ ନେଇ ଯାଉଥିବା ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି।

ପ୍ରକାଶ ଯେ, ପୁରୁଣା କଟକ-ସମ୍ବଲପୁର ରାଜପଥରେ ବନ୍ତଲା ପଟୁ ଦ୍ରୁତଗତିରେ ଆସୁଥିବା ଏକ କାର୍ ମହୀଧରପୁର ଗାଁ ନିକଟରେ ରାସ୍ତା ପାର୍ ହେଉଥିବା ସୁଷମା ପ୍ରଧାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସୁଷମାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଉତ୍ତ୍ୟକ୍ତ ଲୋକେ କାରରେ ଥିବା ୨ ଜଣଙ୍କୁ ଅଟକ ରଖି ମାଡ଼ପିଟ କରିଥିଲେ। ଖବରପାଇ ଅନୁଗୋଳ ସଦର ଥାନା ପୋଲିସ, ବଁଅରପାଳ ଥାନା ପୋଲିସ ଓ ଅନୁଗୋଳ ଏସ୍‌ଡିପିଓ ପହଞ୍ଚି କାର୍ ଚାଳକ ଓ ଅନ୍ୟ ଜଣଙ୍କୁ ଉଦ୍ଧାର କରିଥିଲେ। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିବା ବେଳେ ପୋଲିସ ବୁଝାଶୁଝା କରୁଥିଲା। ପରେ ବଁଅରପାଳ ଅତିରିକ୍ତ ତହସିଲଦାର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାତି ପ୍ରାୟ ୧୧ଟା ବେଳେ ରାସ୍ତା ଅବରୋଧ ହଟିଥିଲା।


ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ଅଂଶୁଘାତ ପୀଡ଼ିତଙ୍କ ସଂଖ୍ୟାରେ ବୃଦ୍ଧି

ଆଠମଲ୍ଲିକ, ୧୮।୬ (ଉଦୀପ୍ତ ପୁରୋହିତ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଯୋଗୁ ବଢୁଛି ଅଂଶୁଘାତ ପୀଡ଼ିତଙ୍କ ସଂଖ୍ୟା। ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାକୁ ଦୈନିକ ଏକାଧିକ ଅଂଶୁଘାତ ପୀଡ଼ିତଙ୍କୁ ଚିକିତ୍ସା ପାଇଁ ଅଣାଯାଉଛି। ରବିବାର ପୂର୍ବାହ୍ନରେ ଏନଏସି ଅନ୍ତର୍ଗତ ବଡ଼ଦାଣ୍ଡ ସାହିର ମନୋରଞ୍ଜନ ପାଣିଗ୍ରାହୀ ଅଂଶୁଘାତରେ ଶିକାର ହୋଇଥିଲେ। ତୁରନ୍ତ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତ ସପ୍ତାହରେ ମଧ୍ୟ ସେ ଅଂଶୁଘାତରେ ପୀଡ଼ିତ ହୋଇଥିଲେ। ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁନୀଲ କୁମାର ପଣ୍ଡା କହିଛନ୍ତି, ଗତ ୧୦/୧୨ ଦିନ ହେଲା ଅଂଶୁଘାତ ପୀଡ଼ିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତିଦିନ ୨/୩ ଜଣ ପୀଡିତ ଚିକିତ୍ସା ପାଇଁ ଭର୍ତ୍ତି ହେଉଥିବା ଦେଖିବାକୁ ମିଳୁଛି।

# କଳବଳ କରୁଛି ତାତି, ଜନଜୀବନ ଅସ୍ତବ୍ୟସ୍ତ

ବଇଣ୍ଡା,୧୮।୬(ପରିକ୍ଷିତ ସାହୁ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଅନୁଗୋଳ ଜିଲାର ତାପମାତ୍ରା କିଛିଦିନ ହେଲା ୪୦ ଡିଗ୍ରୀ ଉପରେ ରହୁଛି। ରବିବାର ଜିଲାର ଆଠମଲ୍ଲିକ ଉପଖଣ୍ଡରେ ୪୨ ଡିଗ୍ରୀ ତାପମାତ୍ରା ଥିବା ଏକ ଘରୋଇ ତାପମାପକ ଯନ୍ତ୍ରରୁ ଜଣାପଡିଛି। ବଇଣ୍ଡାରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପୂର୍ବାହ୍ନ ୧୦ଟା ପରେ ରାସ୍ତା ସମ୍ପୂର୍ଣ୍ଣ ଶୂନଶାନ ହୋଇପଡୁଛି। ଅନେକ ଅଞ୍ଚଳରେ ପାଣିର ଅଭାବ ଦେଖାଯାଇଥିବାବେଳେ ଗ୍ରାମାଞ୍ଚଳରେ ଥିବା କୂଅ ପୋଖରୀ ଗୁଡିକ ଶୁଖି ଗଲାଣି। ନଈ ନାଳରେ ପାଣି ନ ଥିବାବେଳେ ବିଭିନ୍ନ ପଶୁ ପକ୍ଷୀ ପାଣି ପିଇବା ପାଇଁ ବହୁ ହନ୍ତସନ୍ତ ହେଉଛନ୍ତି। ଅନେକ ଗ୍ରାମରେ ରାତି ପାଇଲେ ପାଣି ପାଇଁ ନଳକୂଅ ଗୁଡିକ ନିକଟରେ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ବିଶେଷକରି ଜାତୀୟ ରାଜପଥ କଡରେ ଅନେକ ଗଛ କାଟି ଦିଆଯାଇଥିବା ଯୋଗୁ ତାପମାତ୍ରା ବଢିବାରେ ଲାଗିଛି। ବାଟୋଇ ଆଶ୍ରୟ ନେବା ପାଇଁ ଛାଇଟିଏ ମଧ୍ୟ ପାଉନାହିଁ। ଅନେକ ପଞ୍ଚାୟତରେ ଜଳଛତ୍ର ବ୍ୟବସ୍ଥା ଠିକ୍ ଭାବେ ହୋଇ ନ ଥିବା ଯୋଗୁ ପାଣି ପିଇବା ପାଇଁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ସକାଳ ୯ଟା ହୋଇ ଗଲେ ତାତି ଆରମ୍ଭ ହେଇଯାଉଛି। ଏପରି କି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ତତଲା ପବନରୁ ନିସ୍ତାର ମିଳୁନାହିଁ।



ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ରାସ୍ତା ଶୂନ୍‌ଶାନ ହୋଇପଡ଼ିଛି।

# ତାଳଚେର ଉପଖଣ୍ଡ ଦଳଗତ ଚାମ୍ପିୟନ

### ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

ଅନୁଗୋଳ, ୧୮।୬ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋ ବିଜୁ ପଟ୍ଟନାୟକ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଚାଲିଥିବା ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ମାନବ ସମ୍ବଳ ବିଭାଗ ଡିଜିଏମ୍ ରାଜାରାମ ମିଶ୍ର ଯୋଗଦେଇ ଖେଳାଳିମାନଙ୍କୁ କଠିନ ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଲ୍‌କୋ ମାନବ ସମ୍ବଳ ବିଭାଗ ସିନିୟର୍ ମ୍ୟାନେଜର ଲଲାଟେନ୍ଦୁ ମହାପାତ୍ର, କ୍ରୀଡା ସଂଘ ସମ୍ପାଦକ ଡ. ଗୌର ଗୋବିନ୍ଦ ସାମନ୍ତ, ଉପ ସଭାପତି ଏନ.ଏନ. ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ତାଳଚେର କ୍ରୀଡା ସଂସଦ ସମ୍ପାଦକ ପେସ୍କାର ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଦସ୍ୟ ପ୍ରଦୀପ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ୨ ଦିନରେ ମୋଟ ୧୫୦ ଆଥଲେଟ ଏହି କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ତାଳଚେର ଉପଖଣ୍ଡ ଦଳଗତ ଚାମ୍ପିୟନ ହୋଇଥିବା ବେଳେ ଅନୁଗୋଳ ଉପଖଣ୍ଡ ରନର୍ସ ଅପ୍ ହୋଇଥିଲା। ଅତିଥିମାନେ ବିଜେତାଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।



# ମୁକ୍ତା ଯୋଜନାରେ ୧୨ କୋଟି ଟଙ୍କା ମଞ୍ଜୁର

ଅନୁଗୋଳ, ୧୮।୬ (ଅମିତ କୁମାର ସାମଲ)

ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ଅନୁଗୋଳ ଜିଲାକୁ ୧୨ କୋଟି ୩୧ ଲକ୍ଷ ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଛି। ଏଥିରେ ଅନୁଗୋଳ ପୌରପାଳିକା, ତାଳଚେର ପୌରପାଳିକା ସହ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧୭୯ଟି ପ୍ରକଳ୍ପ ନିର୍ମାଣ କରାଯିବ। ଏ ନେଇ ଗତ ଶୁକ୍ରବାର ୫-ଟି ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ ପ୍ରମୁଖଙ୍କ ସହ ତାଳଚେର ପୌରାଧକ୍ଷ ଓ ଆଠମଲ୍ଲିକ ନଗରପାଳ ପ୍ରମୁଖ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗ ଦେଇଥିଲେ।

ଅନୁଗୋଳ ଜିଲାରେ ମୁକ୍ତା ଯୋଜନାରେ ଓପନ ଜିମ୍, ମିନି ପାର୍କ, ସହର ସୌନ୍ଦର୍ଯ୍ୟକରଣ, ୱାର୍କିଂ ଟ୍ରାକ୍, ଶିଶୁ ଉଦ୍ୟାନ, ପାର୍କ, ପରିସ୍ରାଗାର, ଭେଣ୍ଡିଂ ଜୋନ୍, ଖେଳପଡ଼ିଆ ଓ ସର୍ବସାଧାରଣ ଶୌଚାଳୟ ଆଦି ନିର୍ମାଣ କରାଯିବ। ମିଶନ ଶକ୍ତି ଦ୍ୱାରା ଏସବୁ କାର୍ଯ୍ୟ କରାଯିବ। ଅନୁଗୋଳ ପୌରପାଳିକାରେ ୯୨ଟି ପ୍ରକଳ୍ପ ନିର୍ମାଣ କରାଯିବ। ଏଥିରେ ୮ଟି ଶିଶୁ ଉଦ୍ୟାନ, ୧୪ଟି ସ୍ଥାନରେ ସୌନ୍ଦର୍ଯ୍ୟକରଣ, ୩ଟି ପରିସ୍ରାଗାର, ୧୪ଟି ପାର୍କ, ୧୫ଟି ୱାର୍କିଂ ଟ୍ରାକ୍, ଗୋଟିଏ ଖେଳ ପଡ଼ିଆ, ୧୯ଟି ପବ୍ଲିକ୍ ଜିମ୍, ୧୩ଟି ଭେଣ୍ଡିଂ ଜୋନ୍ ଆଦି ନିର୍ମାଣ କରାଯିବ। ଏ ନେଇ ଅନୁଗୋଳ ପୌରପାଳିକାକୁ ୭ କୋଟି ୭୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ତାଳଚେର ପୌରପାଳିକା ପାଇଁ ୩ କୋଟି ୧୧ ଲକ୍ଷ ଟଙ୍କାର ୫୮ଟି ପ୍ରକଳ୍ପ ଓ ଆଠମଲ୍ଲିକ ଏନ୍ଏସି ପାଇଁ ୧ କୋଟି ୪୭ ଲକ୍ଷ ଟଙ୍କାର ୨୯ଟି ପ୍ରକଳ୍ପ ମଞ୍ଜୁର କରାଯାଇଛି। ଏହି ବୈଠକରେ ପୌରାଞ୍ଚଳ ଉପାଧକ୍ଷ, କାଉନସିଲର, ମିଶନ ଶକ୍ତିର ସଦସ୍ୟମାନଙ୍କ ସହ ତାଳଚେର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ଓ ଆଠମଲ୍ଲିକ ଏନ୍ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

### ୨ ପୌରପାଳିକାରେ ଦେଢ଼ଶହ ଓ ଏନ୍ଏସି ପାଇଁ ୨୯ ପ୍ରକଳ୍ପ

